* ପୁରୁଷ ଆକର୍ଷକ ଫେରୋମୋନ୍ ଯନ୍ତା ହେକ୍ଟର ପ୍ରତି ୧୦ଟି ବସାଇ ଯନ୍ତା ପିଛା ପ୍ରତି ରାତିରେ ୬-୭ଟି ପୁରୁଷ ମଥ୍ ଧାରାବାହିକ ୩ ରାତି ପଡ଼ିବା ଲକ୍ଷ୍ୟ କଲେ କୀଟ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବା ଆବଶ୍ୟକ ପଡ଼ିଥାଏ ।

*ହେଲିକୋଭର୍ପା ଓ ସ୍ପୋଡ଼ୋପ୍ଟରୋ ଲାର୍ଭା ବା ଶୁକ ନିୟନ୍ତ୍ରଣ ପାଇଁ ୫୦୦ ଶୁକ ସମତୁଲ (ଏଲ.ଇ) ଏଚ.ଏ. ଏନ.ପି.ଭି ଭୂତାଣୁକୁ ୫୦୦ ଲିଟର ଜଳରେ ମିଶାଇ ବ୍ୟବହାର କରାଯିବା ଆବଶ୍ୟକ । ସନ୍ଧ୍ୟା ସମୟରେ ସିଞ୍ଚନ କଲେ ଭଲ ଫଳ ମିଳେ ।

* **'T'** ଆକାରରେ ବାଉଁଶକୁ ସଜାଇ ଏକର ପ୍ରତି ୨୦ଟି ପୋତିଲେ ସେଥିରେ ପକ୍ଷୀ ବସି ଏହି ସଂବାଳୁଆ ଜାତୀୟ ପୋକକୁ ଖାଇ ଜମିରୁ ନଷ୍ଟ କରିଦିଅନ୍ତି ।

* ଫସଲରେ ୫୦ ଭାଗ  ଫୁଲ ଆସିବା ସମୟରେ ଓ ତାର ୧୫-୨୦ ଦିନ ପରେ ହେକ୍ଟର ପ୍ରତି ୧୫୦ ଗ୍ରାମ ଫ୍ଲୁବେଣ୍ଡିଆ ମାଇଡ୍ (୨୪୦ ଏସ୍.ସି) କିମ୍ବା ୧୦୦୦ ମି.ଲି ଟ୍ରାୟାଜୋଫସ୍ (୪୦% ଇ.ସି) କିମ୍ବା ୧୦୦୦ ମି.ଲି. ଟ୍ରାୟାଜେଫସ୍ (୩୫% ଇ.ସି) + ଡ଼େଲ୍ଟାମେଥ୍ରିନ୍(୧% ଇ.ସି) କୁ ୫୦୦ ଲିଟର ପାଣରେ ମିଶାଇ ସିଞ୍ଚନ କରିବା ବିଧେୟ ।

* ଶୁକ ନିରାକରଣ ପାଇଁ ବୀଜାଣୁ ପ୍ରସ୍ତୁତ ବି.ଟି. (ବେସିଲସ୍ ଥୁରିନ୍‌ଜେନେସିସ୍) ହେକ୍ଟର ପ୍ରତି ୧ କି.ଗ୍ରା. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଇ ପାରିବ ।

### ଧୂଆଁପତ୍ର ଶୁକ :

ଧୂଆଁପତ୍ର ଶୁକ ଏକ ବହୁଭକ୍ଷୀ କୀଟ ଅଟେ । ସ୍ପୋଡ଼ୋପ୍ଟରା ଲାର୍ଭା ଶିଶୁ ଅବସ୍ଥାରେ ପତ୍ରର ଗୋଟିଏ ସ୍ଥାନରେ ରହି ଦଳବଦ୍ଧ ଭାବରେ ଖାଇଥାଆନ୍ତି । କିନ୍ତୁ ପରବର୍ତ୍ତି ଅବସ୍ଥାରେ ଲାର୍ଭା ଗୁଡ଼ିକ ଫଳର ଚାରିଆଡ଼େ ଖେଳାଇ ହୋଇ ଐକିକ ଭାବରେ ଖାଇବା ଦେଖିବାକୁ ମିଳେ । ଏହି କୀଟ କଅଁଳ ଗଛଗୁଡ଼ିକୁ ଖାଇ ଥୁଣ୍ଟା କରିଦିଅନ୍ତି । ପାକଳ ଗଛଗୁଡ଼ିକର ପତ୍ରକୁ ମଧ ବହୁ ମାତ୍ରାରେ ଖାଇବା ଲକ୍ଷ୍ୟ କରଯାଏ ।

ଏହି କୀଟକୁ ଦମନ କରିବା ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଟ୍ରାୟାଜୋଫସ୍ (୪୦% ଇ.ସି) କିମ୍ବା ୧୦୦୦ ମି.ଲି. ଟ୍ରାୟାଜୋଫସ୍ (୩୫% ଇ.ସି.) + ଡ଼େଲ୍ଟାମେଥ୍ରିନ୍ (୧% ଇ.ସି.) କିମ୍ବା ୧୦୦୦ ମି.ଲି. (କୁରାକ୍ରୋନ୍) ଆଦି ଔଷଧକୁ ଏକ ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ଫସଲରେ ସନ୍ଧ୍ୟା ସମୟରେ ସିଞ୍ଚନ କଲେ ଭଲ ଫଳ ମିଳିଥାଏ ।

### ବିହାରି ସଂବାଳୁଆ :



ଏହି କୀଟ ମଧ ଏକ ବହୁଭକ୍ଷୀ କୀଟ । ଅଣ୍ଡାରୁ ନିର୍ଗତ ଶିଶୁ ଲାର୍ଭା ପତ୍ରର ଗୋଟିଏ ସ୍ଥାନରେ ବହୁ ସଂଖ୍ୟାରେ ରହି ଖାଇଥାଏ । ଏହା ପତ୍ରର ସବୁଜ ଅଂଶକୁ କୋରିଖାଇ ମୁଖ୍ୟ ଶିରାଗୁଡ଼ିକୁ ଛାଡ଼ି ଦେଇଥାଏ । ବର୍ଦ୍ଧିତ ଲାର୍ଭା ଜମିର ଚାରିଆଡ଼େ ଖେଳାଇ ହୋଇ ପତ୍ର, କଅଁଳ କାଣ୍ଡ ଓ ଶାଖାଗୁଡ଼ିକୁ ଖାଇ ଗଛକୁ ଥୁଣ୍ଟା କରିଦିଅନ୍ତି ।

### ପରିଚାଳନା :

ଏହି କୀଟକୁ ଦମନ କରିବା ପାଇଁ ୧୦୦୦ ମି.ଲି. କୁରାକ୍ରୋନ୍ କିମ୍ବା ୧୦୦୦ ମି.ଲି. ଟ୍ରାୟାଜୋଫସ୍ (୪୦% ଇ.ସି.) କିମ୍ବା ୫୦୦ ମି.ଲି. ଡାଇକ୍ଲୋରୋଭସ୍ (୭୬% ଇ.ସି.) କୁ ୫୦୦ ଲିଟର ପାଣିରେ ମିଶାଇ ସନ୍ଧ୍ୟାବେଳେ ସିଞ୍ଚନ କରିବା ବିଧେୟ ।

# ଡ଼ାଲିଜାତୀୟ ଫସଲର କୀଟ ପରିଚାଳନା






**ଓଡ଼ିଶା ଡ଼ାଲିଜାତୀୟ ଫସଲ ଯୋଜନା**

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା,**

**ଏବଂ**

**ଅନ୍ତଃରାଷ୍ଟ୍ରୀୟ ଶୁଷ୍କାଞ୍ଚଳ କୃଷି ଗବେଷଣା ସଂସ୍ଥାନ, ନୂଆଦିଲ୍ଲୀ**

**International Center for Agricultural Research in the Dry Areas (ICARDA)**

**South Asia & China Regional Program (SACRP)**
**NASC Complex, Pusa Campus, DPS Marg, New Delhi-110012**
**Phone : +91(11)25847505; Fax : +91(11)25847503**

# ଡ଼ାଲିଜାତୀୟ ଫସଲର କୀଟ ପରିଚାଳନା

**କାଳିମୁଣ୍ଡି ପୋକ :**

ଏହା ମୁଗ ଓ ବିରି ଫସଲର ପ୍ରଧାନ ଶତ୍ରୁ । ଦିନର ଖରାରେ ଏହି ପୋକମାନେ ମାଟିର ଫାଟ ଭିତରେ ଲୁଚି ରହିଥାନ୍ତି ଓ ରାତିରେ ଦଳ ଦଳ ହୋଇ ଗଛମାନଙ୍କୁ କାଟି ଖାଆନ୍ତି ଓ ହିଡ଼ ଡ଼େଇଁ କିଆରୀରୁ କିଆରୀକୁ ବ୍ୟାପି ଥାଆନ୍ତି । ସାଧାରଣତଃ ବନ୍ୟା ପରେ କିମ୍ବା ବର୍ଷା ପରେ ଲଗାଯାଇଥିବା ମୁଗ ବିରି ଫସଲକୁ ଏହା ବ୍ୟାପକ ଭାବେ ଆକ୍ରାନ୍ତ କରିଥାନ୍ତି ।

**ପରିଚାଳନା :**

ଏମାନଙ୍କ ଦମନ ପାଇଁ ୨୫ କି.ଗ୍ରା. ମିଥାଇଲ୍ ପାରାଥିଆନ୍ ୨% ଗୁଣ୍ଡ କିମ୍ବା ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡକୁ କିଆରୀ ଚାରିପାଖରେ ପଟିପରି ପକାଯାଏ । କିଆରୀ ହିଡ଼ ପାଖକୁ ଏକ ସରୁ ନାଳୀ କରି ସେଥିରେ ଉପରୋକ୍ତ ଗୁଣ୍ଡ ବିଷ ପକାଇଲେ ଏମାନେ କିଆରୀରୁ କିଆରୀକୁ ବ୍ୟାପିପାରିବେ ନାହିଁ । ଏହାର ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଟ୍ରାୟାଜୋଫସ୍ (୩୫% ଇ.ସି) + ଡେଲ୍ଟାମେଥ୍ରିନ୍ (୧% ଇ.ସି) କିମ୍ବା ୧୦୦୦ ମି.ଲି. ଟ୍ରାୟାଜୋଫସ୍ (୪୦% ଇ.ସି) କିମ୍ବା ୫୦୦ ମି.ଲି. ଡ଼ାଇକ୍ଲୋରୋଭସ୍ (୭୬% ଇ.ସି) କୁ ୫୦୦ ଲିଟର ପାଣିରେ ମିଶାଇ ଅପରାହ୍ନ ୪-୫ ଘଣ୍ଟା ବେଳେ ସିଞ୍ଚନ କରନ୍ତୁ ।

**ଫ୍ଲିଂ ବିଟିଲ (ପତ୍ରକଣା ପୋକ) :**

**ପରିଚାଳନା :**

ଏହି ପୋକ ମୁଗ ଓ ବିରି ଫସଲ ୨ ରୁ ୬ ପତ୍ର ହୋଇଥିବା ଅବସ୍ଥାରେ ପତ୍ରରେ ବହୁ ପରିମାଣରେ କ୍ଷୁଦ୍ର କ୍ଷୁଦ୍ର ଗୋଲାକୃତି କଣା କରିଥାନ୍ତି । ଏମାନେ ବଡ଼ି ଭୋରରୁ ଓ ସନ୍ଧ୍ୟା ସମୟରେ ଆକ୍ରମଣ କରିଥାନ୍ତି । ସକାଳ କାକର ପଡ଼ିଥିବା ସମୟରେ  ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ କିମ୍ବା ମିଥାଇଲ୍ ପାରାଥିଅନ୍ ୧.୫% ଗୁଣ୍ଡ କିମ୍ବା ୧୦୦୦ ମି.ଲି. ଟ୍ରାୟାଜୋଫସ୍ (୩୫% ଇ.ସି) + ଡ଼େଲ୍ଟାମେଥ୍ରିନ୍ (୧% ଇ.ସି) ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କଲେ ଏହି ପୋକ ନିୟନ୍ତ୍ରିତ ହୋଇଥାନ୍ତି ।

**ଜଉପୋକ, ଉକୁଣୀଆ ପୋକ ଓ ଧଳା ମାଛି :**

ଏମାନେ ଶୋଷକ ଜାତୀୟ ପୋକ । ଏହି ଶୋଷକ ପୋକମାନେ ମୁଗ ଓ ବିରିରେ ଅଧିକ ପରିମାଣରେ ଲାଗିଥାନ୍ତି ।

**ଜଉପୋକ :**

ପତ୍ର, ଛୁଇଁ, କାଣ୍ଡ ଓ ଶାଖା ପ୍ରଶାଖାରୁ ରସ ଶୋଷି ଖାଇବା ଯୋଗୁଁ ଆକ୍ରାନ୍ତ ଛୁଇଁ ଶୁଖିଯାଏ । ପୋକ ତ୍ୟାଗ କରୁଥିବା ମଳ (ମଧୁ ଶିଶିର) ପତ୍ର ଉପରେ ପଡ଼ିବା ଫଳରେ ସେଥିରେ କଳା ଫିମ୍ପି ମାଡ଼ିଯାଏ । ଜଉପୋକ ଥଣ୍ଡା ସନ୍ତସନ୍ତିଆ ପାଗରେ ଅଧିକ ଲାଗିଥାନ୍ତି ।



**ଧଳାମାଛି :**

ଧଳାମାଛି ଡ଼ାଲି ଜାତୀୟ ଫସଲର ତିନି ପ୍ରକାରର କ୍ଷତି ସାଧନ କରିଥାଏ ।



୧. ପତ୍ରରୁ ରସ ଶୋଷଣ କରି ଖାଇଥାଏ ।

୨. ଏମାନଙ୍କ ମଳଦ୍ୱାରରୁ ନିର୍ଗତ ମଧୁ ଶିଶିର କୃଷ୍ଣକାୟ କୀଟକମାନଙ୍କୁ ଆକର୍ଷିତ କରିଥାଏ । ଫଳରେ ପତ୍ର କଳା ପଡ଼ିଯିବା କାରଣରୁ ଭାଷ୍କ୍ଲେଷଣ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ ।

୩. ଧଳାମାଛି ଅନେକଗୁଡିଏ ଭୂତାଣୁ ଜନିତ ରୋଗ ବିଶେଷ କରି ମୁଗ ଓ ବିରିର ହଳଦିଆ ମୋଜାଇକ୍ ରୋଗର ବାହକ ହୋଇ ଡ଼ାଲି ଫସଲ ଗୁଡ଼ିକୁ ରୋଗାକ୍ରାନ୍ତ କରିଥାଏ । ଡ଼ାଳପତ୍ରକୁ ସାମାନ୍ୟ ହଲାଇ ଦେଲେ ଏମାନେ ଉଡ଼ି ଯାଆନ୍ତି ।

**ଉକୁଣିଆ ପୋକ :**

ଖରାଟିଆ ମୁଗ ଓ ବିରି ଫସଲର ଏହା ଏକ ପ୍ରଧାନ ଶତ୍ରୁ । ଉକୁଣିଆ ପୋକର ଛୁଆ ଓ ପୂର୍ଣ୍ଣାଙ୍ଗ ପୋକ ଫୁଲକୁ ଆକ୍ରମଣ କରି ଫୁଲର ଫଳିକା ଶୀର୍ଷକୁ ଶୋଷି ଖାଇଥାଏ । ଆକ୍ରାନ୍ତ ଫୁଲଗୁଡ଼ିକ ଫୁଟିବା ପୂର୍ବରୁ ଝଡ଼ି ପଡିଥାଏ । ଯଦି ଆକ୍ରାନ୍ତ ଫୁଲ ନଝଡ଼ି ଫଳ ଧାରଣ କରେ, ଫଳଗୁଡ଼ିକ କ୍ଷୁଦ୍ର ଓ ଫଳ ଭିତରେ ଥିବା ମଞ୍ଜି ଗୁଡ଼ିକ ଲୋଚା କୋଚା ଓ ଆକାରରେ ଛୋଟ ହୋଇଥାଏ । ଫୁଲ  ଛିଡ଼ିଥିବା ଗଛ ଗୁଡ଼ିକର ଅଗିରୁ ପତ୍ର ବାହାରି କଅଁଳ ଫସଲଟି ବୁଦାଳିଆ ଓ ଗାଢ଼ ସବୁଜ ରଂଗର ଦେଖାଯାଏ । ଅଧିକ ଆକ୍ରାନ୍ତ ହେଲେ ଫସଲରୁ ଆଦୌ ଦାନା ମିଳିନଥାଏ ।



**ପରିଚାଳନା :**

ଏହି ପୋକ ମାନଙ୍କୁ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡ଼ାଇମିଥୋଏଟ୍ (୩୦% ଇ.ସି) କିମ୍ବା ୧୨୫ ମିଲି ଇମିଡ଼ାକ୍ଲୋପ୍ରିଡ୍ (୧୭.୮% ଏସ.ଏଲ) କିମ୍ବା ୧୬୦ ଗ୍ରାମ୍ ଥାୟୋମିଥୋଜାମ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ ।

**ଛୁଇଁ ବିନ୍ଧା ପୋକ :**

ଏହା ମୁଗ ଓ ବିରିର ମୁଖ୍ୟ କ୍ଷତିକାରକ ପୋକ । ଏହି ପୋକ ଏକ ବହୁଭକ୍ଷୀ କୀଟ ।



ଶିଶୁ ଶୁକ ପ୍ରଥମେ କଅଁଳ ପତ୍ର, କଢ଼ ଓ ଫୁଲ ଖାଇ ପରବର୍ତ୍ତୀ ଅବସ୍ଥାରେ ଫଳକୁ କଣାକରି ଭିତରେ ଥିବା ମଞ୍ଜି ଖାଇଦିଏ । ଫଳରେ ଛୁଇଁ ଫମ୍ପା ହୋଇଯାଏ । ବିଳମ୍ବରେ ହୋଇଥିବା ମୁଗ ଗଛକୁ ଏହା ଅଧିକ କ୍ଷତି କରିଥାଏ ।

**ପରିଚାଳନା :**

* ଖରାଦିନିଆ ଚାଷ କରି ଖୋସା ଅବସ୍ଥାରେ ଥିବା ପୋକମାନଙ୍କୁ ନଷ୍ଟ କରିଦେବା ଆବଶ୍ୟକ ।